୧୬/୦୪/୧୯୯୦

# ଏ ଅପରିଣାମଦର୍ଶିତା ପାଇଁ ଦାୟୀ କିଏ ?

ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଚାଷୀଭାଇମାନେ ଅଗତ୍ୟା ସରକାରୀ ନିର୍ଦ୍ଧାରିତ ମୂଲ୍ୟଠାରୁ ବହୁ କମ୍ ଦାମ୍‌ରେ ଧାନ ବିକ୍ରୀ କରିବା ପାଇଁ ବାଧ୍ୟ ହେଉଥିବାର ଖବରମାନ ଆସି ପହଞ୍ଚିବାରେ ଲାଗିଲାଣି । ଏହା ଆମ ସମସ୍ତଙ୍କୁ ବିବ୍ରତ କରୁଛି । ଓଡ଼ିଶାର ପୁରପଲ୍ଲୀରେ ଆଳୁ, ବାଇଗଣ, ପିଆଜ ଓ କିରୋସିନି ସବୁକିଛିର ମାତ୍ରାଧିକ ମୂଲ୍ୟ ବୃଦ୍ଧି ହୋଇଥିବା ବେଳେ ଚାଷୀଭାଇମାନେ କମ୍ ଦରରେ ଧାନ ବିକିବା ପାଇଁ ବାଧ୍ୟ ହେଉଛନ୍ତି କାହିଁକି ? ସରକାରଙ୍କ ପାଖରେ ଏ ପ୍ରଶ୍ନର ଏକ ସନ୍ତୋଷଜନକ ଉତ୍ତର ଅଛି କି ନାହିଁ ଆମେ ଜାଣୁ ନାହୁଁ । କିନ୍ତୁ ତାଙ୍କ ଆଚରଣରୁ ଉତ୍ତର ମିଳିବା ଦୂରେଥାଉ ଏ ପ୍ରଶ୍ନଟିକୁ ଭଲ ଭାବେ ବୁଝିବା ପାଇଁ ମଧ୍ୟ ଯେ ସରକାର ଚେଷ୍ଟା କରୁନାହାନ୍ତି - ଏ ପ୍ରକାର ସନ୍ଦେହ ହେଉଛି ।

ଆମ ବିଚାରରେ ଚାଷୀଭାଇମାନଙ୍କର ଦୁର୍ଦ୍ଦିନର ଅନେକଗୁଡ଼ିଏ ଛୋଟବଡ଼ କାରଣ ରହିଛି । ପ୍ରଥମତଃ, ଗତବର୍ଷ ଅନ୍ୟ ବର୍ଷମାନଙ୍କ ଅପେକ୍ଷା ଯଥେଷ୍ଟ ଭଲ ଫସଲ ହୋଇଥିଲା । ତେଣୁ ଗତବର୍ଷର ଅମଳରୁ ଅଧିକାଂଶ ଚାଷୀଭାଇମାନଙ୍କ ପାଖରେ ଅପେକ୍ଷାକୃତ ଅଧିକ ଧାନ ମହଜୁଦ ଥାଇପାରେ । ସାଧାରଣ ଅର୍ଥନୀତିର ନିୟମ ଅନୁସାରେ ଉତ୍ପାଦନର ମାତ୍ରା ବୃଦ୍ଧି ପାଇଲେ ଏବଂ ଗ୍ରାହକଙ୍କ କ୍ରୟଶକ୍ତିରେ ଅବକ୍ଷୟ ଘଟିଲେ ବଜାର ଦର ହ୍ରାସ ପାଇଥାଏ । ବର୍ତ୍ତମାନ ଖରିଫ ଚାଷ ପାଇଁ ପ୍ରସ୍ତୁତ ହେବାର ସମୟ । ଏ ପ୍ରସ୍ତୁତିପର୍ବକୁ ଟିକିଏ ଆଗୁଆ ଆରମ୍ଭ କରିବା ପାଇଁ ଏ ମାସର ଅଦିନ ମେଘ ଆମର ଚାଷୀଭାଇମାନଙ୍କୁ ଅନେକାଂଶରେ ପ୍ରଭାବିତ କରିଛି । ସବୁବର୍ଷ ପରି ଏ ପ୍ରସ୍ତୁତିପର୍ବ ପାଇଁ ସର୍ବନିମ୍ନ ପୁଞ୍ଜି ଲଗାଣର ଆବଶ୍ୟକତା ପଡ଼ିଥାଏ । ହଳବଳଦ ଯୋଗାଡ଼ କରିବା, ସାର ଓ ବିହନ କିଣିବା ଏବଂ ଚାଷପାଇଁ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା କରିବାରେ ଏ ପୁଂଜି ସାଧାରଣତଃ ଲଗାଯାଇଥାଏ । ଚାଷୀଭାଇମାନେ ବିଭିନ୍ନ ଅର୍ଥଲଗାଣକାରୀ ସଂସ୍ଥାମାନଙ୍କଠାରୁ ଏବଂ ବିଶେଷକରି ସମବାୟ ବ୍ୟାଙ୍କ ଏବଂ ଅନୁଷ୍ଠାନ ମାନଙ୍କଠାରୁ ରିହାତି ଦରରେ ଏବଂ ଅଗ୍ରାଧିକାର ଭିତ୍ତିରେ ଏ ପୁଂଜିବାବଦକୁ ଋଣ ପାଇଥାଆନ୍ତି । ମାତ୍ର ଗତ ଲୋକସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ଏବଂ ପରେ ପରେ ଜନତା ଏବଂ କଂଗ୍ରେସ ଦଳର

## ଆମ ଘରର ହାଲଚାଲ୍

ସୌମ୍ୟରଂଜନ ପଟ୍ଟନାୟକ

ନିର୍ବାଚନସର୍ବସ୍ୱ ଋଣଛାଡ଼ ପ୍ରତିଶ୍ରୁତି ପ୍ରତିଯୋଗିତା ଫଳରେ ରାଜ୍ୟର ସମସ୍ତ ସମବାୟ ସଂସ୍ଥାଗୁଡ଼ିକ ଯେ କେବଳ ବିପର୍ଯ୍ୟସ୍ତ ହୋଇଗଲେ ତାହା ନୁହେଁ, ଚାଷୀଭାଇମାନେ ତାଙ୍କର ଖରିଫଚାଷ ପାଇଁ ଆବଶ୍ୟକ ପଡୁଥିବା ପୁଞ୍ଜିବାବଦକୁ କଣା ପଇସାଟିଏ ମଧ୍ୟ ଏ ପର୍ଯ୍ୟନ୍ତ ପାଇପାରି ନାହାନ୍ତି । ସରକାରଙ୍କର ଋଣଛାଡ଼ ନିଷ୍ପତ୍ତି ଏବଂ ବିଜୁବାବୁଙ୍କର ହାତକାଟି ଲେଖି ଦେଇଥିବା ଲିଖିତ ପ୍ରତିଶ୍ରୁତି ଆଜି ଓଡ଼ିଶାର ହଜାର ହଜାର ଚାଷୀଭାଇମାନଙ୍କୁ ଅଯଥାରେ ପ୍ରତାରିତ ଏବଂ ପ୍ରବଞ୍ଚିତ କରିଛି । "ବିଜୁବାବୁ ସରକାରକୁ ଆସିଲେ ଦଶ ହଜାର ଟଙ୍କା ପର୍ଯ୍ୟନ୍ତ ଋଣଛାଡ଼ ହେଇଯିବ, ହେଇ ନିଜେ ସେ କାଗଜରେ ଦସ୍ତଖତ କରି ଲେଖି ଜଣାଇଛନ୍ତି" - ଏ ପ୍ରକାର ସରଳ ବିଶ୍ୱାସ ଆଜି ଚାଷୀଭାଇମାନଙ୍କୁ ଏଭଳି ଏକ ପରିସ୍ଥିତିକୁ ଟାଣି ନେଇଛି ଯେ ସେମାନେ ସରକାରଙ୍କର ନିର୍ଦ୍ଧାରିତ ମୂଲ୍ୟରୁ ବହୁ କମ୍ ଦାମ୍‌ରେ ଧାନଗଣ୍ଡାକ ବିକି ଦେଇ ଯେକୌଣସି ପ୍ରକାରେ ଆଗାମୀ ବର୍ଷର ଅନ୍ନସଂସ୍ଥାନ ପାଇଁ ଚିନ୍ତା କରିବା ପାଇଁ ବାଧ୍ୟ ହୋଇଛନ୍ତି । ଗତବର୍ଷର ଭଲ ଅମଳ, ନିର୍ବାଚନ ସମୟର ପ୍ରତିଶ୍ରୁତି ଓ ଉତ୍ତେଜନା ଏବଂ ଆଗାମୀ ଦିନର ସ୍ୱପ୍ନ ଆଜି ସବୁ ପାଣିରେ ଗାର ସଦୃଶ ଲିଭିଯାଉଛି ।

ଏଭଳି ପରିସ୍ଥିତିରେ ନିର୍ଦ୍ଧାରିତ ମୂଲ୍ୟକୁ କାଏମ୍ ରଖିବା ପାଇଁ ସରକାରଙ୍କ ତରଫରୁ ନିର୍ଦ୍ଦିଷ୍ଟ ଏବଂ ବଳିଷ୍ଠ ପଦକ୍ଷେପର ଆବଶ୍ୟକତା ରହିଛି । ଯୋଗାଣମନ୍ତ୍ରୀ ନିର୍ଦ୍ଧାରିତ ୨ ଲକ୍ଷ ଟନ୍‌ରୁ ଅଧିକ ଧାନ ସଂଗ୍ରହ କରିପାରିବେ ବୋଲି ଆଶ୍ୱସ୍ତ ହେଉଛନ୍ତି । ସରକାରଙ୍କର ଦାୟିତ୍ୱ କେବଳ ଯଦି ଟାର୍ଗେଟ ହାସଲରେ ସୀମିତ ରହେ, ତାହେଲେ ନିର୍ଦ୍ଧାରିତ ମୂଲ୍ୟକୁ କାଏମ ରଖିବାର ଦାୟିତ୍ୱ କିଏ ନେବ ? ସରକାରଙ୍କର ଅବାନ୍ତର ଏବଂ ଅପରିଣାମଦର୍ଶୀ ଋଣଛାଡ଼ ନିଷ୍ପତ୍ତି ସାଙ୍ଗକୁ ଆଉରି ଅନେକ ଗୁଡ଼ିଏ ଛୋଟବଡ଼ ଅବାଂଛିତ ନିଷ୍ପତ୍ତି ଏ ପରିସ୍ଥିତିକୁ ଅଧିକ ଜଟିଳ କରୁଛି । ଧାନ ଓ ଚାଉଳ ବ୍ୟବସାୟୀମାନେ ବର୍ତ୍ତମାନ ସବୁଠାରୁ ବେଶି ଆଶଙ୍କିତ । କାରଣ, ସରକାର ଦୁଇଟଙ୍କା ମୂଲ୍ୟରେ ଚାଉଳ ଦେବେ ବୋଲି ଯେଉଁ ଘୋଷଣା କରିଛନ୍ତି ତାକୁ ହୁକାପିଟା ନୀତିରେ କିଛି ସମୟ ପାଇଁ ମଧ୍ୟ କାର୍ଯ୍ୟକାରୀ କଲେ ବ୍ୟବସାୟୀଙ୍କ ଭେଳା ବୁଡ଼ିବ । ସେମାନେ କାହିଁକି ଅଯଥାରେ ଚାଷୀଭାଇମାନଙ୍କୁ ବର୍ତ୍ତମାନ ଅଧିକ ମୂଲ୍ୟ ଦେବା ପାଇଁ ଉତ୍ସାହିତ ହେବେ ?

ପୂର୍ବତନ ମନ୍ତ୍ରୀ ଏବଂ ରାଜନୀତିଜ୍ଞମାନଙ୍କର କଳାଧନର ଉଦ୍ଧାର ଯେତିକି ଗୁରୁତ୍ୱପୂର୍ଣ୍ଣ ଚାଷୀକୁଳକୁ ଏ ଆସନ୍ନ ବିପତ୍ତିରୁ ଉଦ୍ଧାର କରିବା ତାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ସରକାରଙ୍କର ମାତ୍ରାଧିକ ଉତ୍ସାହ, ନିର୍ବାଚନସର୍ବସ୍ୱ ପ୍ରତିଶ୍ରୁତି ଏବଂ ଋଣଛାଡ଼ ପରି କେତେକ ଅବାଂଛିତ ନିଷ୍ପତ୍ତି ଯୋଗୁ ଯେ ଏ ପରିସ୍ଥିତି ସୃଷ୍ଟି ହୋଇଛି, ଏକଥା ନିଃସନ୍ଦେହରେ କୁହାଯାଇପାରେ । ଏ ଅପରିଣାମଦର୍ଶିତା ପାଇଁ ଦାୟୀ କିଏ ? ଏହାହିଁ ଆଜି ବିଜୁବାବୁଙ୍କୁ ଆମର ଅନାସକ୍ତ ପ୍ରଶ୍ନ ।